## ସଂକ୍ଷେପରେ

### ବାହାରିଲେ ୫ ସଂକ୍ରମିତ

**ଢେଙ୍କାନାଳ ଅଫିସ, ୩୧।୧୦:** ଢେଙ୍କାନାଳ ଜିଲାରୁ ରବିବାର ୫ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୦ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଁଦିଆ, ପରଜଙ୍ଗ, ହିନ୍ଦୋଳ, ଭୁବନ ଏନ୍‌ଏସି, କାମାକ୍ଷାନଗର ଏନ୍‌ଏସିରୁ ଜଣେ ଲେଖାଏ ରହିଛନ୍ତି। ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୯ ହଜାର ୮୭୧ରେ ପହଞ୍ଚିଥିବାବେଳେ ୧୯ ହଜାର ୫୯୮ ଜଣ ସୁସ୍ଥ ହୋଇ ସାରିଲେଣି। ସକ୍ରିୟ ମାମଲା ୩୦କୁ କମିଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଗଁଦିଆ, ୩୧।୧୦:** ଗଁଦିଆ ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ବିଶ୍ୱାଳଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ରାଧାନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ଏବିଇଓ କୈଳାସ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ବୁଦ୍ଧଦେବ ପ୍ରଧାନ, ସମ୍ମାନିତ ଅତିଥି ଏବିଇଓ ସନ୍ଧ୍ୟାରାଣୀ ସ୍ୱାଇଁ, ସ୍କୁଲ ପ୍ରତିଷ୍ଠାତା ବାସୁଦେବ ମହାନ୍ତି, ଓଷ୍ଟା ଜିଲା ସଭାପତି ପୀତାମ୍ବର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା, ଗାୟକ ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଏକ ପଟୁଆରରେ ବିଦାୟୀ ଶିକ୍ଷକଙ୍କୁ ନଗର ପରିକ୍ରମା କରାଇଥିଲେ। ପ୍ରାକ୍ତନ ଶିକ୍ଷକ ସୀତାନାଥ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଳିଗଲା କାଜୁ ବଗିଚା

**ପାଟଣା,୩୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଖଜୁରୀପଶି ଗ୍ରାମରେ ବିଦ୍ୟୁତ ଶଟ୍‌ସର୍କିଟ ଯୋଗୁ ରବିବାର ୩୦ଏକର ପରିମିତ କାଜୁ ବଗିଚାରେ ଅଗ୍ନିକାଣ୍ଡ ଘଟିଛି। ୧ ଏକର ପରିମିତ ବଗିଚାର ଗଛ ସବୁ ପୋଡି ନଷ୍ଟ ହୋଇ ଯାଇଛି। ପାଟଣା ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କାଜୁ ବଗିଚା ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ଖୁଣ୍ଟର ଇନ୍ସୁଲେଟର ଫାଟି ଝୁଲି ପଡିବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା।

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

**ଆରଡ଼ି, ୩୧।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଆରଡ଼ି ଷ୍ଟେଟବ୍ୟାଙ୍କ ପରିସରରେ ଥିବା ଏଟିଏମ୍‌କୁ ଭାଙ୍ଗି ଦୁର୍ବୃତ୍ତମାନେ ଶନିବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ କରିଛନ୍ତି। ସୂଚନା ଅନୁସାରେ, ଦୁର୍ବୃତ୍ତମାନେ ବ୍ୟାଙ୍କ ସମ୍ମୁଖରେ ଥିବା ୨ଟି ସିସିଟିଭି କ୍ୟାମେରା ସହ ଆଲାର୍ମକୁ ଭାଙ୍ଗି ଦେଇଛନ୍ତି। ଏକ ଗ୍ୟାସ୍ କଟର ମେଶିନ, ଏକ ଗ୍ୟାସ୍ ସିଲିଣ୍ଡର, ଲାଇଟର, ସେଫ୍ଟି ମାଚିସ ଆଦି ଛାଡ଼ି ଚାଲି ଯାଇଛନ୍ତି। ଖବର ପାଇ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ଅୟସକାନ୍ତ ମାଝି ପହଞ୍ଚି ଲୁଟ୍ ହୋଇ ନ ଥିବା କହିଥିଲେ। ଆରଡ଼ି ଫାଣ୍ଡି ପୋଲିସ ଦୁର୍ବୃତ୍ତ ଛାଡ଼ିଥିବା ସମସ୍ତ ସାମଗ୍ରୀ ଜବତ କରିଛି। ସିଲିଣ୍ଡରରୁ ଗ୍ୟାସ୍ ସରିଯାଇଥିବାରୁ ଦୁର୍ବୃତ୍ତମାନେ ଟଙ୍କା ନେବାରେ ସକ୍ଷମ ହୋଇ ନ ଥିବା ବ୍ରାଞ୍ଚ ମ୍ୟାନେଜର କହିଛନ୍ତି। ତେବେ ଫାଣ୍ଡିଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଏହି ବ୍ୟାଙ୍କ ପରିସରରୁ ଲୁଟ୍ ଉଦ୍ୟମ ଚର୍ଚ୍ଚାର ବିଷୟ ହୋଇଛି।

# ସାର୍ଥକ ହୋଇଛି ଶ୍ରମ

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୩୧।୧୦**

*ଧଳା ଘୁଷୁରି ଚାଷରେ ଲାଭ ଅଧିକା ହେଲେ ଏଭଳି ଚାଷ ଏବଂ ମାଂସ ବ୍ୟବସାୟକୁ ନେଇ ଲୋକଙ୍କ ମନରେ ଏବେ ବି ରହିଛି ନକାରାତ୍ମକ ଚିନ୍ତାଧାରା। ଫଳରେ ଭଲ ଜଳବାୟୁ, ଉନ୍ନତ ପରିବେଶ ସାଙ୍ଗକୁ ଭିତ୍ତିଭୂମି ଥିବା ସତ୍ତ୍ୱେ ଧଳା ଘୁଷୁରି ପାଳନ କରିବାକୁ ଆଗ୍ରହୀ ହେଉନାହାନ୍ତି ଚାଷୀ। ତେବେ ପ୍ରତିକୂଳ ପରିବେଶ ଏବଂ ବ୍ୟବସାୟର ସୁବିଧା ନ ଥିବା ସତ୍ତ୍ୱେ ଧଳା ଘୁଷୁରି ପାଳନ କରି ଭାଗ୍ୟ ବଦଳାଇବା ଆଶାରେ ରହିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର କଙ୍ଗେଇଲ ଗ୍ରାମର ୩୩ ବର୍ଷୀୟ ଯୁବଚାଷୀ ନିହାର ରଞ୍ଜନ ସାହୁ।*




ନିହାର ରଞ୍ଜନଙ୍କ ଫାର୍ମରେ ଧଳା ଘୁଷୁରି।

- ନୂଆ କରିବା ଲକ୍ଷ୍ୟରେ ନିହାରରଞ୍ଜନ
- ଧଳା ଘୁଷୁରି ଚାଷ ଦେଇଛି ପରିଚୟ
- ଦେଶୀ କୁକୁଡ଼ାରୁ ମିଳୁଛି ପର୍ଯ୍ୟାପ୍ତ ଲାଭ

ପାସ୍ କରିଛନ୍ତି ସ୍ନାତକ। ଚାହିଁଥିଲେ ଭଲ ଚାକିରିଟିଏ କରିପାରନ୍ତେ। ହେଲେ ଅନ୍ୟମାନଙ୍କ ଭଳି ଚାକିରି ଜୀବନର ଅଣନିଃଶ୍ୱାସୀ ଦୌଡ଼ରେ ନ ରହି କିଛି ଅଲଗା କରି ଦେଖାଇବାକୁ ଉଦ୍ୟମ କରି ସଫଳ ହୋଇଛନ୍ତି କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର କଙ୍ଗେଇଲ ଗ୍ରାମର ଯୁବଚାଷୀ ନିହାର ରଞ୍ଜନ ସାହୁ। ଚାଷକାର୍ଯ୍ୟରେ ସବୁବେଳେ ପରୀକ୍ଷା ନିରୀକ୍ଷା କରିବାକୁ ଭଲ ପାଉଥିବା ଏହି ଉଚ୍ଚଶିକ୍ଷିତ ଯୁବକଙ୍କ ଶ୍ରମ ସାର୍ଥକ ହୋଇଥିବାବେଳେ ଦେଶୀ କୁକୁଡ଼ା, ମାଛ ଏବଂ ସଦ୍ୟ ଆରମ୍ଭ କରିଥିବା ଘୁଷୁରି ପାଳନରୁ ସେ କରୁଛନ୍ତି ଲକ୍ଷାଧିକ ଟଙ୍କା ରୋଜଗାର।

ନିହାରଙ୍କୁ ୭ବର୍ଷ ହୋଇଥିବାବେଳେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ୨୦୨୦ କରୋନା ସମୟରେ ବାପା ମଧ୍ୟ ଆରପାରିକୁ ଚାଲିଯାଇଛନ୍ତି। ସ୍ତ୍ରୀ ଏବଂ ଏକମାତ୍ର ଝିଅଙ୍କୁ ନେଇ ତାଙ୍କ ପରିବାର। ୨୦୧୪ରେ ସ୍ନାତକ ପାସ୍ କରିବା ପରେ ଚାଷ ଆଡ଼କୁ ଆକର୍ଷିତ ହୋଇପଡ଼ିଥିଲେ ନିହାର। ସରକାରଙ୍କଠାରୁ ୫ଲକ୍ଷ ଟଙ୍କା ଋଣ ଆଣି ଆରମ୍ଭ କରିଥିଲେ କୁକୁଡ଼ା ପାଳନ। ମାତ୍ର ୨ ବର୍ଷରେ ଋଣ ପରିଶୋଧ କରିବା ପରେ ଲାଭଧନକୁ ଲଗାଇଥିଲେ ସଙ୍କରଜାତୀୟ ଛେଳି ଚାଷରେ। ହେଲେ ଛେଳି ବିକ୍ରିବଟା ସୁବିଧା ନ ହେବାରୁ ୨୦୧୭ରେ ୫୦୦୦ ଦେଶୀ କୁକୁଡ଼ା ଆଣି ବ୍ୟବସାୟ ବଢ଼ାଇଥିଲେ। ବନ୍ଧୁମାନଙ୍କ ସହିତ ପଶ୍ଚିମବଙ୍ଗ ବୁଲିବାକୁ ଯାଇଥିବାବେଳେ ହାଇବ୍ରିଡ୍ ଧଳା ଘୁଷୁରି ଦେଖି ଏହି ଚାଷ କରିବାକୁ ମନସ୍ଥ କରିଥିଲେ। ୟୁଟ୍ୟୁବ୍ ଏବଂ କେତେଜଣ ଚାଷୀଙ୍କ ସହାୟତାରେ ୨୦୨୧ ଏପ୍ରିଲରେ ବିହାରରୁ ଦେଢ଼ ଲକ୍ଷ ଟଙ୍କା ଦେଇ କିଣି ଆଣିଥିଲେ ୧୨ ଧଳା ଘୁଷୁରି। ଏହି ସଂଖ୍ୟା ଏବେ ୬୦ରେ ପହଞ୍ଚିଲାଣି। ଏଥିସହିତ ଦେଢ଼ ଏକର ଜମିରେ ପୋଖରୀ ଖୋଳି ମାଛଚାଷ କରି ୮୦ ହଜାର ଟଙ୍କାର ଯାଆଁଳା ଛାଡ଼ିଥିଲେ। ଅଦ୍ୟାବଧି ୧ ଲକ୍ଷ ଟଙ୍କାର ମାଛ ବିକ୍ରି କରିସାରିଲେଣି। ଏଥିରୁ ଆହୁରି ୧୦ରୁ ୧୨ ଲକ୍ଷ ଟଙ୍କା ମିଳିବ ବୋଲି ଆଶା ବାନ୍ଧିଛନ୍ତି। ମାଛଚାଷର ସଫଳତା ସମ୍ପର୍କରେ ନିହାର କୁହନ୍ତି, ପୋଖରୀରେ ବତକ ବୁଲିଲେ ମାଛ ଭଲ ବଢ଼ନ୍ତି। ଏଥିଲାଗି ସେ ୨୦୦ ବତକ ଆଣି ଛାଡ଼ିଥିଲେ। ସେମାନଙ୍କ ମଳ ପ୍ରାକୃତିକ ମାଛ ଖାଦ୍ୟ। ତେଣୁ ମାଛ ଭଲ ବଢ଼ିଛନ୍ତି। ହେଲେ ସ୍ଥାନୀୟ ବଜାରରେ ମାଂସ ଚାହିଦା ନ ଥିବାରୁ ବତକ ପାଳନ ବନ୍ଦ କରିଦେଇଛନ୍ତି। ଜେଜେବାପାଙ୍କ ୧୫ ଏକର ଜମିରେ ଚାଷବାସ କରୁଛନ୍ତି ନିହାର। ଦେଢ଼ ଏକର ବିଶିଷ୍ଟ ପୋଖରୀରେ ମାଛ ଓ ଅନ୍ୟ ଜମିରେ ଦେଶୀ କୁକୁଡ଼ା ସାଙ୍ଗକୁ ଧଳା ଘୁଷୁରି ପାଳିଛନ୍ତି। ଫାର୍ମ ପରିଚାଳନାରେ ସେ ନିଜେ ଶ୍ରମଦାନ କରିବା ସହିତ ୮ଜଣଙ୍କୁ ରଖିଛନ୍ତି। ସ୍ତ୍ରୀ ନିରୁପମାଙ୍କ ଭରପୂର ସହାୟତା ମଧ୍ୟ ମିଳୁଛି। ସ୍ଥାନୀୟ ବଜାରରେ ଧଳା ଘୁଷୁରି ମାଂସର ଚାହିଦା ନାହିଁ। ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ଘୁଷୁରି କିଣିବାକୁ ଆଗ୍ରହୀ ହେଉଛନ୍ତି। ଭବିଷ୍ୟତରେ ଏଥିରୁ ଅଧିକ ଲାଭ ମିଳିବ ବୋଲି ସେ ଆଶାବାଦୀ ଅଛନ୍ତି। ଅଞ୍ଚଳରେ ପ୍ରଥମ ଥର ଧଳା ଘୁଷୁରି ଚାଷ ହୋଇଥିବାରୁ ତାଙ୍କ ଫାର୍ମକୁ ଅନେକେ ବୁଲିବାକୁ ଆସୁଛନ୍ତି, ଯାହା ତାଙ୍କୁ ଆତ୍ମସନ୍ତୋଷ ଦେଉଛି ବୋଲି ନିହାର କହିଛନ୍ତି।

## ବେପାର କରୁଥିଲେ ପୂରା ପରିବାର

- ୧୮ ଗ୍ରାମ୍ ପାଉଡ଼ର ଜବତ
- ମା, ପୁଅ ସମେତ ୩ ଗିରଫ

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ସହରରେ ଧଳା ଜହର କାରବାର ବଢ଼ିବାରେ ଲାଗିଛି। ଅନେକ ପରିବାର ଏହାକୁ ଲାଭଜନକ ବ୍ୟବସାୟରେ ପରିଣତ କରିଛନ୍ତି। ରବିବାର ଅପରାହ୍ନରେ ଷ୍ଟେଶନ ବଜାର ଅଞ୍ଚଳରୁ ୧୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ହାଟରୋଡ୍ ଅଞ୍ଚଳର ରଜନୀଗନ୍ଧା ମହାପାତ୍ର, ତାଙ୍କ ପୁଅ ବାପି ଏବଂ ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ଅଞ୍ଚଳର କାଳିଆ ସାହୁଙ୍କୁ ଗିରଫ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ନଗଦ ୧୧ହଜାର ଟଙ୍କା, ୪୦ରୁ ଊର୍ଦ୍ଧ୍ୱ ପେପର ପିସ୍ ଜବତ କରିଛି। ଷ୍ଟେଶନ ବଜାର ଅଞ୍ଚଳରେ ଏକ ଘରେ ବ୍ରାଉନସୁଗାର କାରବାର ଚାଲିଥିବା ସୂଚନା ପାଇ ଟାଉନ ଥାନାଧିକାରୀ ନମିତା ନାୟକ, ନିର୍ବାହୀ ମାଜିଷ୍ଟ୍ରେଟ୍ ପ୍ରମୁଖ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୪୭୪/୨୧ରେ ଏକ ମାମଲା ରୁଜୁ ହୋଇଛି। ଜବତ ବ୍ରାଉନ୍ ସୁଗାରର ମୂଲ୍ୟ ୧ଲକ୍ଷ ୮୦ହଜାର ଟଙ୍କା ହେବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପୂର୍ବରୁ କାମାକ୍ଷାନଗର, ଢେଙ୍କାନାଳ ବାଜିଚୌକ ହାଉସିଂ ବୋର୍ଡ ଅଞ୍ଚଳରୁ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା।

## 'ନଗର ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ'

**ଢେଙ୍କାନାଳ ଅଫିସ, ୩୧।୧୦**


ଏବିଭିପି ପକ୍ଷରୁ ନଗର ସମ୍ମିଳନୀରେ ଅନୁଷ୍ଠିତ କର୍ମକର୍ତ୍ତାମାନେ।

ଢେଙ୍କାନାଳରେ ଏବିଭିପି ପକ୍ଷରୁ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ଯୋଗଦେଇ କାର୍ଯ୍ୟପ୍ରଣାଳୀ, ନଗର ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ବିଭାଗ ପ୍ରମୁଖ ଚିତ୍ତରଞ୍ଜନ ରାଉତରାୟ ନୂତନ ନଗର କାର୍ଯ୍ୟକାରିଣୀ ଘୋଷଣା କରିଥିଲେ। ନଗର ସଭାପତି ଭାବେ ପ୍ରିୟବ୍ରତ ପ୍ରଧାନ, ଉପସଭାପତି ସିଦ୍ଧାର୍ଥ ଜେନା, ଅଭିନବ ବେହେରା, ସୌରଭ ମହାନ୍ତି, ସହ ସମ୍ପାଦକ ଶ୍ୟାମସୁନ୍ଦର ପିରେଇ, ଆଶୁତୋଷ ସେଠୀ, ଭାବନା ମହାପାତ୍ର, ଶୁଭମ୍ କୁମାର ଗୁରୁମ୍, ଏସ୍‌ଏଫ୍‌ଡି ପ୍ରମୁଖ ଦୀପକ ସାହୁ, ସହ ପ୍ରମୁଖ ଗତିକୃଷ୍ଣ ଦେହୁରୀ, ଏସ୍‌ଏଫ୍‌ଏସ୍ ପ୍ରମୁଖ ରୋହନଦୀପ ସାହୁ, ସହ ପ୍ରମୁଖ ଅଭିନବ ହୋତା, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ମଧୁସ୍ମିତା ସାମଲ, ସହ ପ୍ରମୁଖ ଅନନ୍ୟା ପ୍ରିୟଦର୍ଶିନୀ ହୋତା, କ୍ରୀଡ଼ା ପ୍ରମୁଖ ସୁରେଶ କୁମାର ଜେନାମଣି, ସହ ପ୍ରମୁଖ ଲିଙ୍ଗରାଜ ନାୟକ, ନଗର ଛାତ୍ରୀ ପ୍ରମୁଖ ମନସ୍ୱିନୀ ପ୍ରଧାନ, ମିଡିଆ ପ୍ରମୁଖ ରାହୁଲ ରଞ୍ଜନ ସାହୁ, ସହପ୍ରମୁଖ ସୁବାଶିଷ ବେହେରା, ଟେକ୍ନିକାଲ ସହ ପ୍ରମୁଖ ରୋହନ ସେନାପତି, ସହ ପ୍ରମୁଖ ଅଭିଷେକ ମହାନ୍ତି, ନଗର କାର୍ଯ୍ୟକାରିଣୀ ସଦସ୍ୟ ଅମ୍ରିତ ଅଭିଷେକ ଏବଂ ଅଭିମନ୍ୟୁ ପଟ୍ଟନାୟକ ପ୍ରମୁଖ ଚୟନ ହୋଇଛନ୍ତି। ଜିଲା ସଂଯୋଜକ ସୁଧାକର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ବ୍ୟାଟେରି ଚୋରି, ଜଣେ ଗିରଫ

**ଭଣ୍ଡାରିପୋଖରୀ, ୩୧।୧୦ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ନେଉଳିଆ ନିକଟରେ ଶନିବାର ରାତିରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗରେ ସ୍ଥାନୀୟ ଲୋକେ ଜଣେ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ମଞ୍ଜୁରୀରୋଡ଼ ନିକଟ ବାବଲପୁର ଗ୍ରାମର ରଣଜିତ କରଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୩୪୦/୨୧) ରୁଜୁ ହୋଇଛି। ଅଭିଯୁକ୍ତ ଧାମନଗର ଥାନା ଅଧୀନ ହବିବନଗର ଗ୍ରାମର ରିଆଜ ଖାଁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ୨ଟି ବ୍ୟାଟେରି ଜବତ ହୋଇଛି।

## 'ଭାଇଚାରା ମନୋଭାବ ନେଇ କାର୍ଯ୍ୟ କର'


ଜିଲା ପ୍ରଶାସନର ଅଧିକାରୀମାନେ ଶପଥପାଠ କରିଛନ୍ତି।

**ଢେଙ୍କାନାଳ ଅଫିସ, ୩୧।୧୦**

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରବିବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ନିମନ୍ତେ ସମସ୍ତେ ଭାଇଚାରା ମନୋଭାବ ନେଇ କାର୍ଯ୍ୟ କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ କହିଲେ, ଦେଶସେବାରେ ନିଜକୁ ଉତ୍ସର୍ଗ କରିପାରିଲେ ଜନ୍ମ ସାର୍ଥକ ହେବ। ସର୍ଦ୍ଦାର ପଟେଲଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ କହିଲେ, ଏକତା ହିଁ ଶକ୍ତି। ଭେଦଭାବହୀନ ସମାଜ ପ୍ରତିଷ୍ଠା ଲାଗି ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ।

## ପାଣି ମିଶା ପେଟ୍ରୋଲକୁ ନେଇ ଉତ୍ତେଜନା

**ଆନନ୍ଦପୁର,୩୧। ୧୦(ସ୍ୱ.ପ୍ର.)**

ଦିନକୁ ଦିନ ବର୍ଦ୍ଧିତ ତୈଳ ଦରକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଅପମିଶ୍ରିତ ପେଟ୍ରୋଲକୁ ନେଇ ରବିବାର ଆନନ୍ଦପୁର ପୌରପରିଷଦ ଘସିପୁରା ଠାରେ ଉତ୍ତେଜନା ପ୍ରକାଶ ପାଇଛି। ଘସିପୁରା ଠାରେ ଥିବା ଅରବିନ୍ଦ ଫିଲିଂ ଷ୍ଟେଶନର ପାଣି ମିଶା ପେଟ୍ରୋଲକୁ ନେଇ ଉତ୍ତେଜନା ହୋଇଥିଲା। କଣ୍ଟିପାଳ ବିରିଡିହାର ଅଜୟ ସେଠିଙ୍କ କହିବା ଅନୁଯାୟୀ, ୧୨୦ ଟଙ୍କାର ତେଲ ପକାଇଥିଲେ। ରାସ୍ତାରେ ଷ୍ଟାର୍ଟ ବନ୍ଦ ହେଇଯିବାରୁ ସୋରୁମ୍‌ରୁ ଗାଡିକୁ ଦେଖାଇବା ପରେ ପେଟ୍ରୋଲରେ ପାଣି ମିଶିଥିବା ଜାଣିବାକୁ ପାଇଥିଲେ। ଏହିଭଳି ସମ୍ପୃକ୍ତ ଟାଙ୍କିରେ ପେଟ୍ରୋଲ ଭରିଥିବା ୨୦ରୁ ଅଧିକ ଲୋକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏସମ୍ପର୍କରେ ଅରବିନ୍ଦ ଫିଲିଂ ଷ୍ଟେସନର ମାଲିକ ଅଜୟ ମିଶ୍ରଙ୍କୁ ପଚାରିବାରୁ ଟାଙ୍କିରେ ଆମେ ପାଣି ପୁରାଇନୁ, ପାଣି କେମିତି ଚାମ୍ବରରେ ଲିକ୍ କରି ପଶିଥାଇପାରେ ଯେଉଁମାନେ ତେଲ ପକାଇ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କୁ କ୍ଷତିପୂରଣ ଦେବାକୁ କହିଛନ୍ତି। ଏହାପରେ ଉତ୍ତେଜନା ହ୍ରାସ ପାଇଥିଲା। ତେବେ ଅଞ୍ଚଳରେ ରହିଥିବା ଟାଙ୍କି ଗୁଡିକର ସୃଷ୍ଟି ହେଉଥିବା ସମସ୍ୟା ଦିଗରେ ବିଧିବଦ୍ଧ ଯାଞ୍ଚ ହୋଇପାରିଲେ ଅପମିଶ୍ରଣ ସମ୍ପର୍କିତ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି।

## ଜଳିଗଲା ୧୦ ବଖରା

**ବାହାନଗା,୩୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଅଭଣା ଗ୍ରାମର ସତ୍ୟ ନାରାୟଣ ସାହୁଙ୍କ ଘରେ ରବିବାର ପୂର୍ବାହ୍ନରେ ବିଦ୍ୟୁତ୍ ଶଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟି ୧୦ ବଖରା ସମେତ ଏକ ଗୁହାଳ ଘର ପୋଡ଼ି ଯାଇଛି। ଖବରପାଇ ଷଠୀ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାପତ୍ର, ଚାଉଳ, ଲୁଗାପଟା ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ସୋର ବିଧାୟକ ପର୍ଶୁରାମ ଧଡ଼ା ଘଟଣାସ୍ଥଳରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ।

## ବନ୍ଧୁକ ଦେଖାଇ ଟଙ୍କା ସହ ଅଳଙ୍କାର ଲୁଟ୍

**ପଦ୍ମପୁର,୩୧।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ଉମାକାନ୍ତ ପାଣିଗ୍ରାହୀଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ଘରେ ଥିବା ସମସ୍ତ ସୁନା ଅଳଙ୍କାର ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ରବିବାର ସକାଳେ ଉମାକାନ୍ତଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନା ପୋଲିସ ମାମଲା (ନଂ.୩୨୯/୨୧) ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ୭ରୁ ୮ଜଣ ଦୁର୍ବୃତ୍ତ ଉମାକାନ୍ତଙ୍କ ଘରର ମୁଖ୍ୟ ଗ୍ରୀଲ୍ ଖୋଲି କବାଟ ଭାଙ୍ଗି ପଶିଥିଲେ। ବ୍ୟାଙ୍କ ମିତ୍ର ଭାବେ ବେତଡ଼ା କାନାରା ବ୍ୟାଙ୍କରେ କାର୍ଯ୍ୟରତ ଉମାକାନ୍ତଙ୍କ ସ୍ତ୍ରୀ ଆରତି ପୁଅର ଆଡ୍‌ମିଶନ ପାଇଁ ଶନିବାର ଆଣିଥିବା ଲକ୍ଷେ ୨୦ ହଜାରକୁ ମିଶାଇ ପାଖରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିଲା। ଘରେ ଏକୁଟିଆ ଥିବା ଏହି ଦମ୍ପତିଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଟଙ୍କା ଓ ସୁନାଗହଣା ଲୁଟି ନେଇ ଦୁର୍ବୃତ୍ତମାନେ ସେମାନଙ୍କୁ ବାହାରୁ ବନ୍ଦ କରି ପଳାଇଥିଲେ। ପରେ ସେମାନଙ୍କ ପାଟି ଶୁଣି ପଡ଼ୋଶୀମାନେ ଆସି ଉଦ୍ଧାର କରିଥିଲେ। ଦୁର୍ବୃତ୍ତମାନଙ୍କ ମାଡ଼ ଓ ମାରଣାସ୍ତ୍ରକୁ ଧରି ଧସ୍ତାଧସ୍ତି ହେଉଥିବା ସମୟରେ ଉମାକାନ୍ତଙ୍କ ହାତରେ ଆଘାତ ଲାଗିଛି।

## ଜିଲାସ୍ତରୀୟ ଫୁଟ୍‌ବଲ୍: ମର୍ନିଂ କ୍ଲବ ବିଜୟୀ

**ଢେଙ୍କାନାଳ ଅଫିସ, ୩୧।୧୦**

ଢେଙ୍କାନାଳ ଜିଲା କ୍ରୀଡା ସଂସଦ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ଜିଲାସ୍ତରୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତା। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦୁର୍ଗାପ୍ରସାଦ ଫୁଟ୍‌ବଲ୍ କ୍ଲବକୁ ୫-୧ ଗୋଲ୍‌ରେ ହରାଇ ମର୍ନିଂ କ୍ଲବ ବିଜୟୀ ହୋଇଛି। ବିଜୟୀ ଦଳର ସ୍ୱନ୍ଦନ ବାରିକ ୩, ମହମ୍ମଦ ଆଫ୍ରିଦ୍ ଏବଂ ପରମେଶ୍ୱର ସିଂ ପିଙ୍ଗୁଆ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଦୁର୍ଗାପ୍ରସାଦ ପକ୍ଷରୁ ରିପୁନ ବେହେରା ଏକମାତ୍ର ଗୋଲ ସ୍କୋର କରିଥିଲେ। ବରିଷ୍ଠ କ୍ରୀଡ଼ାବିତ୍ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କିଷାନ ଦାସ, ପର୍ଶୁରାମ ମିଶ୍ର, ଅରୁଣ ନାୟକ ଅଭିଜିତ୍ ମିଶ୍ର ରେଫରି ଏବଂ ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ଶତ୍ରୁଘ୍ନ ମାଟି, ସରୋଜ ପାଢ଼ୀ ଧାରାବିବରଣୀ ଦେଇଥିଲେ।

ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଦିବାକର ପ୍ରଧାନ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଗିରିଜା ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, କ୍ରୀଡ଼ାବିତ୍ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମା' ମଙ୍ଗଳା ଫୁଟବଲ୍ କ୍ଲବ ବନମାଳୀପ୍ରସାଦ ଏବଂ ଚନ୍ଦ୍ରଶେଖର ଫୁଟବଲ୍ କ୍ଲବ ମଧ୍ୟରେ ମ୍ୟାଚ୍‌ଖେଳାଯିବ। ଟୁର୍ନାମେଣ୍ଟରେ ୧୨ ଦଳ ଅଂଶଗ୍ରହଣ କରିଛନ୍ତି। ୧୪ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ପ୍ରତିଯୋଗୀମାନେ।

## ପୁତୁରାଙ୍କୁ ହତ୍ୟା କରିଥିଲେ ଦାଦା

**ଗଁଦିଆ, ୩୧।୧୦**


ମୃତ କାହ୍ନୁ ମଲିକ।

- କାହ୍ନୁ ମଲିକ ନିଖୋଜ ରହସ୍ୟ ଉନ୍ମୋଚିତ
- ୨ମାସ ପରେ ଜବତ ହେଲା ଖପୁରି, ଅସ୍ଥି
- ଦୋଷ ସ୍ୱୀକାର କଲେ ଅଭିଯୁକ୍ତ


ପୋଲିସ ଜବତ କରିଥିବା ଖପୁରି।

ପାରିବାରିକ କଳହକୁ କେନ୍ଦ୍ରକରି ନାବାଳକ ପୁତୁରାଙ୍କୁ ଅତି ଜଘନ୍ୟ ଭାବେ ତଣ୍ଟିଚିପି ହତ୍ୟା କରିଥିଲେ ସମ୍ପର୍କୀୟ ଦାଦା। ମାମଲା ରଫାଦଫା କରିବାକୁ ମୃତଦେହକୁ ଜଙ୍ଗଲରେ ଫିଙ୍ଗି ଦେଇ ପଳାଇଥିଲେ ହାଇଦ୍ରାବାଦ। ହେଲେ ସନ୍ଦେହଜନକ ପରିସ୍ଥିତିରେ ଅଭିଯୁକ୍ତ ପୋଲିସ ସ୍କାନରକୁ ଆସିବା ପରେ ସତ ଧରାପଡ଼ିଛି। ଏଥିସହିତ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ପଞ୍ଚାୟତ ଅନ୍ତର୍ଗତ ଟୋଲରପଶି ଗ୍ରାମର ସ୍ୱର୍ଗତ ଅଜୟ ମଲିକଙ୍କ ନାବାଳକ ପୁଅ କାହ୍ନୁ (୧୪) ନିଖୋଜ ମାମଲାର ଦୁଃଖଦ ପରିସମାପ୍ତି ଘଟିଛି। ଅଭିଯୁକ୍ତ ଗିରିଧାରୀ ମଲିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ସୂଚନା ଆଧାରରେ ମୃତକଙ୍କ ଖପୁରି ସମେତ ଅନ୍ୟ ଅବଶେଷ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ନିହଲପ୍ରସାଦ ଥାନାରେ ନଂ. ୧୭୮/୨୧ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୭ରେ ଗ୍ରାମ ପଡ଼ିଆରେ ଖେଳୁଥିବାବେଳେ କାହ୍ନୁ ନିଖୋଜ ହୋଇଯାଇଥିଲେ। ଏ ନେଇ ତାଙ୍କ ମା' ଶାନ୍ତି ମଲିକ ନିହଲପ୍ରସାଦ ଥାନାରେ ୨୮ ତାରିଖରେ ଅଭିଯୋଗ କରିଥିଲେ। ଗ୍ରାମରକ୍ଷୀ ଗୋବର୍ଦ୍ଧନ ମଲିକଙ୍କ ପରିବାର ସହିତ ତାଙ୍କର ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଫଳରେ କାହ୍ନୁଙ୍କ ନିଖୋଜ ପଛରେ ଗୋବର୍ଦ୍ଧନଙ୍କ ପୁଅ ଗିରିଧାରୀଙ୍କ ହାତ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ପୁଅଙ୍କୁ ଗିରିଧାରୀ ହତ୍ୟା କରିଥିବା ନେଇ ଶାନ୍ତି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଗିରିଧାରୀଙ୍କ ଉପରେ ନଜର ରଖିଥିଲା। ତେବେ ସେ ହାଇଦ୍ରାବାଦର ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ କାମ କରିବାକୁ ଚାଲିଯାଇଥିବାରୁ ତାଙ୍କୁ ଗିରଫ କରିବା ସହଜ ନ ଥିଲା। ଅଭିଯୁକ୍ତ ଗ୍ରାମକୁ ଆସିଥିବା ସୂଚନା ପାଇ ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସଦଳବଳ ଚଢ଼ାଉ କରି ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚୁରା ବେଳେ ସେ କାହ୍ନୁଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ତାଙ୍କ ସୂଚନା ଆଧାରରେ ଟୋଲରପଶି ଛକ ନିକଟ ସଂରକ୍ଷିତ ଜଙ୍ଗଲରୁ ମୃତ କାହ୍ନୁଙ୍କ ଖପୁରି, ତଳ ମାଢ଼ି, ଅସ୍ଥି, ଚପଲ, ଗଞ୍ଜି ଏବଂ ପ୍ୟାଣ୍ଟକୁ ପୋଲିସ ଜବତ କରିଛି। ଏହାକୁ ପରିବାର ଲୋକେ ଚିହ୍ନଟ କରିଛନ୍ତି। ଏସ୍‌ଡିପିଓ ବିକାଶ ରଞ୍ଜନ ବେହୁରା ଘଟଣାର ତଦନ୍ତ କରୁଛନ୍ତି। ଅଧିକ ତଦନ୍ତ ପାଇଁ ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ମୃତକ ପରିବାର ଲୋକେ ହତ୍ୟା ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି।

